# NATIONAL NEWS BULLETIN (ODIA)
## 21th April - 2024
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଦେଶକୁ ବିକାଶର ଏକ ନୂତନ ଶିଖରରେ ପହଞ୍ଚାଇବାର ପ୍ରତିଶ୍ରୁତିବଦ୍ଧତା ସହ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି ବୋଲି ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମତବ୍ୟକ୍ତ କରିଛନ୍ତି ।

- ଏନ୍‌ଟିଏ ପକ୍ଷରୁ ୟୁଜିସି ନେଟ୍’ ଜୁନ୍ ୨୦୨୪ ଲାଗି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି ।

- ଗାଜାର ଦକ୍ଷିଣାଞ୍ଚଳରେ ଇଜ୍ରାଏଲ୍ ପକ୍ଷରୁ ଆକାଶ ମାର୍ଗରୁ ଦୁଇ ଥର ଆକ୍ରମଣଦ୍ୱାରା ୧୮ ଜଣଙ୍କର ମୃତ୍ୟୁ ହୋଇଛି ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟରେ ଚଣ୍ଡୀଗଡ଼ର ମହାରାଜା ଯାଦବେନ୍ଦ୍ର ସିଂହ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ପଞ୍ଜାବ କିଙ୍ଗସ୍ ଓ ଗୁଜରାଟ ଟାଇଟନ୍‌ସ ମଧ୍ୟରେ ମୁକାବିଲା ହେବ ।

## ପି.ଏମ୍. ର୍‌ୟାଲି - ଜାଲୋର୍

ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଦେଶକୁ ବିକାଶର ଏକ ନୂତନ ଶିଖରରେ ପହଞ୍ଚାଇବାର ପ୍ରତିଶ୍ରୁତିବଦ୍ଧତା ସହ ତାଙ୍କ ସରକାର କାର୍ଯ୍ୟ କରୁଛନ୍ତି । ଆଜି ରାଜସ୍ଥାନର ଜାଲୋର୍ ଲୋକସଭା ନିର୍ବାଚନ ମଣ୍ଡଳିରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ମୋଦି କହିଛନ୍ତି, ମହିଳାମାନଙ୍କୁ ଏଲ୍.ପି.ଜି. ସଂଯୋଗର ସୁବିଧା ଯୋଗାଇଦେବା ସହିତ ଘରେ ଶୌଚାଳୟ ନିର୍ମାଣ ଲାଗି ସହାୟତା ପ୍ରଦାନ ଭଳି ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାଦ୍ୱାରା ଜନସାଧାରଣଙ୍କର ବିଶେଷକରି ମହିଳାଙ୍କର ଜୀବନଧାରଣ ସହଜ ହୋଇପାରିଛି । ଚଳିତ ଲୋକସଭା ନିର୍ବାଚନ ଲାଗି କଂଗ୍ରେସ କରିଥିବା ମେଣ୍ଟକୁ ଏକ ସୁବିଧାବାଦୀ ମେଣ୍ଟ ଭାବେ ଅଭିହିତ କରିବା ସହ ଏଭଳି ରାଜନୈତିକ ଦଳଗୁଡ଼ିକ ହାତରେ ଦେଶର ଶାସନଭାର ହସ୍ତାନ୍ତର ନ କରିବା ଲାଗି ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ରାଜସ୍ଥାନରେ ଦେଖାଦେଇଥିବା ଜଳସମସ୍ୟା ଉପରେ ଆଲୋକପାତ କରି ଶ୍ରୀ ମୋଦି କହିଛନ୍ତି, ଏହି ସମସ୍ୟାର ସମାଧାନ ଲାଗି ରାଜ୍ୟ ସରକାରଙ୍କ ପଧକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଛି । ରାଜ୍ୟରେ ପୂର୍ବ କଂଗ୍ରେସ ସରକାରର ଶାସନ କାଳରେ ଅନେକଗୁଡ଼ିଏ ଜଳ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ଏଭଳି ସ୍ଥିତି ଦେଖାଦେଇଛି ବୋଲି ସେ କହିଛନ୍ତି । ରାଜସ୍ଥାନ ସହ ତାଙ୍କର ପୁରୁଣା ଦିନର ସମ୍ପର୍କକୁ ମନେପକାଇ ଶ୍ରୀ ମୋଦି କହିଛନ୍ତି, ଏପରିକି ସେ ଯେତେବେଳେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ, ସେତେବେଳେ ମଧ୍ୟ ଏଠାକାର ଜଳ ସମସ୍ୟାକୁ ସମାଧାନ କରିବା ଦିଗରେ ପ୍ରଚେଷ୍ଟା କରିଥିଲେ ।

ଜାଲୋର-ଶିରୋହି ଅଞ୍ଚଳରେ ପର୍ଯ୍ୟଟନର ବ୍ୟାପକ ସୁଯୋଗ ଥିବାରୁ ଏହି କ୍ଷେତ୍ରରେ ଅଧିକରୁ ଅଧିକ ଯୁବବର୍ଗଙ୍କୁ ନିଯୁକ୍ତ କରକାଯିବା ସହିତ ସଂଯୋଗୀକରଣ ବ୍ୟବସ୍ଥାକୁ ସୁସଂହଦ କରାଯିବା ଉପରେ ଶ୍ରୀ ମୋଦି ଗୁରୁତ୍ୱାରୋପ କରିଛନ୍ତି । ମତଦାନ ଏକ ଗର୍ବର ପ୍ରସଙ୍ଗ ହୋଇଥିବାରୁ ପ୍ରତ୍ୟେକ ମତଦାତା ଆଗାମୀ ନିର୍ବାଚନରେ ନିଜର ମତାଧିକାର ସାବ୍ୟସ୍ତ କରିବା ଲାଗି ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି ।

ଏହି ସଭାରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ମଧ୍ୟ ଉପସ୍ଥିତ ଥିଲେ । ଜାଲୋର୍ ଲୋକସଭା ଆସନରୁ ବି.ଜେ.ପି. ପକ୍ଷରୁ ଲୁମ୍ବାରାମ ଚୌଧୁରୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ପୁଅ ବୈଭବ ଗେହଲଟ୍‌ଙ୍କୁ କଂଗ୍ରେସ ଏହି ଆସନ ଲାଗି ପ୍ରାର୍ଥୀ

କରିଛି । ଆସନ୍ତା ୨୬ ତାରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ସମୟରେ ରାଜସ୍ଥାନରେ ମତଦାନ ଅନୁଷ୍ଠିତ ହେବ ।

## ରାଜନାଥ - ର୍‌ୟାଲି

ବରିଷ୍ଠ ବି.ଜେ.ପି. ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ ପଶ୍ଚିମବଙ୍ଗରେ ଆଇନଶୃଙ୍ଖଳା ସ୍ଥିତି ନେଇ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାରକୁ ସମାଲୋଚନା କରିଛନ୍ତି । ଆଜି ଜାଲାଙ୍ଗି'ର ନରସିଂହାପୁରଠାରେ ଆୟୋଜିତ ଏକ ଜନସମାବେଶରେ ମୁର୍ଶିଦାବାଦ ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବି.ଜେ.ପି. ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ସିଂହ କହିଛନ୍ତି, ସମଗ୍ର ପଶ୍ଚିମବଙ୍ଗରେ ବର୍ତ୍ତମାନ ଅରାଜକତା ଦେଖାଦେଇଛି । ପଶ୍ଚିମବଙ୍ଗର ସାମଗ୍ରୀକ ବିକାଶ ଲାଗି କେନ୍ଦ୍ର ସରକାର ଅନେକ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି ବୋଲି ସେ କହିଛନ୍ତି ।

## ବି.ଜେ.ପି. - ନଡ୍ଡା

ଭାରତୀୟ ଜନତା ପାର୍ଟି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି, ଗତ ୧୦ ବର୍ଷରେ ବି.ଜେ.ପି. ଏକ ସ୍ଥିର ସରକାର ଦେଇଥିବାରୁ ଅଯୋଧ୍ୟାରେ

ରାମମନ୍ଦିର ନିର୍ମାଣ ଓ ତିନି ତଲାକ୍ ପ୍ରସଙ୍ଗ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକର ସମାଧାନ ହୋଇପାରିଛି । ଆଜି ମହାରାଷ୍ଟ୍ରର ବୁଲ୍‌ଧାନା ଜିଲ୍ଲା ଅନ୍ତର୍ଗତ ସଂଗ୍ରାମପୁର ତାଲୁକାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ବି.ଜେ.ପି. ସମର୍ଥିତ ମେଣ୍ଟ ପ୍ରାର୍ଥୀ ପ୍ରତାପରାଓ ଯାଦବଙ୍କ ସପକ୍ଷରେ ପ୍ରଚାର କରି ଶ୍ରୀ ନଡ୍ଡା ଗତ ଏକ ଦଶନ୍ଧି ମଧ୍ୟରେ ଏନ୍.ଡି.ଏ. ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ହାସଲ କରିଥିବା ସଫଳତା ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ କେନ୍ଦ୍ର ସରକାର ଦେଶର ୪ କୋଟି ନାଗରିକଙ୍କୁ ପକ୍କା ଘର ଯୋଗାଇ ଦେବା ସହ ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ ଭଳି ମୌଳିକ ସୁବିଧା ମଧ୍ୟ ଯୋଗାଇ ଦେଇଛନ୍ତି ।

## କଂଗ୍ରେସ - ସି.ଇ.ସି.

ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ଲୋକସଭା ନିର୍ବାଚନ ସମ୍ପର୍କିତ କଂଗ୍ରେସ କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦଳର ସଭାପତି ମଲ୍ଲିକାର୍ଜୁନ ଖଡଗେ, କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ । ପଞ୍ଜାବର ଦଳୀୟ ବରିଷ୍ଠ ନେତାମାନେ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ ।

## ଛତିଶଗଡ଼ - ଆକ୍ସିଡେଣ୍ଟ

ନିର୍ବାଚନ କାର୍ଯ୍ୟରେ ମଧ୍ୟପ୍ରଦେଶର ପୁଲିସ କର୍ମଚାରୀଙ୍କୁ ନେଇ ଯାଉଥିବା ଏକ ଗାଡ଼ି ଛତିଶଗଡ଼ର ବସ୍ତରଠାରେ ଓଲଟି ପଡ଼ିବା ଯୋଗୁଁ ୯ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ସମ୍ମୁଖରୁ ଆସୁଥିବା ଅନ୍ୟ ଏକ ଯାନକୁ ସମ୍ପୃକ୍ତ ଗାଡ଼ିର ଚାଳକ ରକ୍ଷା କରିବାକୁ ଯାଇ ଏଭଳି ଦୁର୍ଘଟଣା ଘଟିଥିବା ଜଣାଯାଇଛି । ଏ ଘଟଣା ସମ୍ପର୍କରେ ପୁଲିସ୍ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ପ୍ରଥମ ପର୍ଯ୍ୟାୟ ନିର୍ବାଚନ କାର୍ଯ୍ୟ ଶେଷ କରି ବସ୍ତର ଜିଲ୍ଲାର ଦିଲ୍‌ମିଲିଠାରୁ ମଧ୍ୟପ୍ରଦେଶ ଦ୍ୱିତୀୟ ବାଟାଲିୟନ୍‌ର ଯବାନମାନେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି କର୍ତ୍ତବ୍ୟସ୍ଥଳକୁ ଯାଉଥିବା ସମୟରେ ଏଭଳି ଅଘଟଣ ଘଟିଛି । ଗତ ୧୯ ତାରିଖ ଦିନ ବସ୍ତର ଲୋକସଭା ଆସନ ଲାଗି ମତଦାନ କରାଯାଇଛି ।

## ୟୁ.ଜି.ସି. - ନେଟ୍ ରେଜିଷ୍ଟ୍ରେସନ୍

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି - ଏନ୍‌ଟିଏ ପକ୍ଷରୁ ବିଶ୍ୱବିଦ୍ୟାଳୟ ଆନୁଦାନ ଆୟୋଗ ଜାତୀୟ ଯୋଗ୍ୟତା ପରୀକ୍ଷା - ୟୁଜିସି ନେଟ୍ ଜୁନ୍ ୨୦୨୪ ଲାଗି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଇଚ୍ଛୁକ ପ୍ରାର୍ଥୀମାନେ ଏନ୍.ଟି.ଏ. ୱେବ୍‌ସାଇଟ୍‌ରେ ଉପଲବ୍ଧ ଲିଙ୍କ ମାଧ୍ୟମରେ ଜାତୀୟ ଯୋଗ୍ୟତା

ପରୀକ୍ଷା ପାଇଁ ଆବେଦନ କରିପାରିବେ । ପଞ୍ଜୀକରଣ ପ୍ରକ୍ରିୟା ମେ’ ୧୦ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବାର ଶେଷ ତାରିଖ ମେ’ ୧୧ରୁ ୧୨ ତାରିଖ ପର୍ଯ୍ୟନ୍ତ ରହିଛି । ସେହିପରି ସଂଶୋଧନ ଓ୍ୱିଣ୍ଡୋ ମେ’ ୧୩ ତାରିଖରେ ଉନ୍ମୁକ୍ତ ହୋଇ ୧୫ ତାରିଖରେ ବନ୍ଦ ହେବ । ୟୁଜିସିର ବିଜ୍ଞପ୍ତି ଅନୁଯାୟୀ ଯୋଗ୍ୟ ପ୍ରାର୍ଥୀଙ୍କୁ ଜୁନିୟର ରିସର୍ଚ୍ଚ ଫେଲୋସିପ୍ ପ୍ରଦାନ ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ଓ ୮୩ଟି ବିଷୟରେ ପିଏଚ୍‌ଡିରେ ନାମଲେଖା ପାଇଁ ଆସନ୍ତା ଜୁନ୍ ୧୬ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଏଥିମଧ୍ୟରୁ ପ୍ରାର୍ଥୀମାନେ କେବଳ ଗୋଟିଏ ଆବେଦନ କରିପାରିବେ । ଏକାଧିକ ଆବେଦନ ଫର୍ମ ପୂରଣ କରିଥିବା ପ୍ରାର୍ଥୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ୟୁଜିସି କହିଛି ।

## ଡାଇରେକ୍ଟ ଟ୍ୟାକ୍ସ

ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଦେଶର ମୋଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ ୧୯ ଦଶମିକ ୫/୮ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହା ୧୭ ଦଶମିକ ୭ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ୍ ୧୬ ଦଶମିକ ୬/୪ କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ ଆଦାୟ ହୋଇଥିଲା। ବଜେଟ୍ ଆକଳନ ତୁଳନାରେ ମଧ୍ୟ ଏହା ୭ ଦଶମିକ

୪ ପ୍ରତିଶତ ବୃଦ୍ଧି ପାଇ ୧ ଦଶମିକ ୩/୫ ଲକ୍ଷ କୋଟି ଟଙ୍କା ଅଧିକ ଆଦାୟ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ସୂଚନା ଦେଇଛି। ସେହିଭଳି ବ୍ୟକ୍ତିଗତ କର ପ୍ରଦାନ କ୍ଷେତ୍ରରେ ମଧ୍ୟ ୨୪ ଦଶମିକ ୨/୬ ପ୍ରତିଶତ ବୃଦ୍ଧି ପାଇ ୧୨ ଦଶମିକ ୦/୧ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଛି। ଗତ ଆର୍ଥିକବର୍ଷରେ ପ୍ରତ୍ୟକ୍ଷ କର ଫେରସ୍ତ ବାବଦରେ ସରକାର ୩ ଦଶମିକ ୭/୯ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହା ମଧ୍ୟ ଗତ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ୨୨ ଦଶମିକ ୭/୪ ପ୍ରତିଶତ ଅଧିକ ବୋଲି ଅର୍ଥ ମନ୍ତ୍ରଣାଳୟ କହିଛି।

## ଇସ୍ରାଏଲ୍ - ଏୟାରଷ୍ଟ୍ରାଇକ୍

ଗାଜାର ଦକ୍ଷିଣାଞ୍ଚଳରେ ଇସ୍ରାଏଲ୍ ପକ୍ଷରୁ ଆକାଶ ମାର୍ଗରୁ ଦୁଇ ଥର ଆକ୍ରମଣ ହେବାଦ୍ୱାରା ୧୪ ଶିଶୁ ଓ ୩ ମହିଳାଙ୍କ ସମେତ ୧୮ ଜଣଙ୍କର ମୃତ୍ୟୁ ହୋଇଛି । ପାଲେଷ୍ଟାଇନ୍ ସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ପ୍ରଥମ ଥର ଆକ୍ରମଣଦ୍ୱାରା ଗୋଟିଏ ପରିବାରର ୩ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା । ସେଥିମଧ୍ୟରେ ୩ ବର୍ଷର ଜଣେ ଶିଶୁ ଅନ୍ତର୍ଭୁକ୍ତ । ପରେ ଦ୍ୱିତୀୟ ଥର ଆକ୍ରମଣରେ ଆଉ ଗୋଟିଏ ପରିବାରର ୧୩ ଶିଶୁ ଓ ୨ ଜଣ ମହିଳାଙ୍କର ମୃତ୍ୟୁ ହୋଇଛି । ଯୁକ୍ତରାଷ୍ଟ୍ର ଆମେରିକାର

ସଂସଦରେ ଗାଜା ଷ୍ଟ୍ରିପ୍ ଲାଗି ମାନବିକ ସହାୟତା ସକାଶେ ୯ ବିଲିୟନ୍ ଡଲାର ସମେତ ଇଜ୍ରାଏଲ୍‌କୁ ୨୬ ଦଶମିକ ୩ ବିଲିୟନ୍ ଡଲାରର ସହାୟତା ଯୋଗାଇଦେବା ସମ୍ପର୍କିତ ପ୍ରସ୍ତାବ ପାରିତ ହେବା କିଛି ଘଣ୍ଟା ପରେ ଏହି ଆକ୍ରମଣ ହୋଇଛି ।

## ଓଡ଼ିଶା - ଫରେଷ୍ଟ ଫାୟାର୍

ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲ ଅଂଚଳର କେତେକ ସ୍ଥାନରେ ନିଆଁ ଲାଗିଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶୁଷ୍କ ପାଗ ଏବଂ ପ୍ରବଳ ତାତି ଯୋଗୁଁ ସେହି ଅଂଚଳରେ ୩୧ଟି ସ୍ଥାନରେ ନିଆଁ ଲାଗିଥିବା ଚିହ୍ନଟ କରାଯାଇଛି ବୋଲି ବନବିଭାଗ କହିଛି। ଯୁଦ୍ଧକାଳିନ ଭିତ୍ତିରେ ତାହାକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପାଇଁ ବନବିଭାଗ କର୍ମଚାରୀ ଏବଂ ଅଗ୍ନି ନିର୍ବାପକ ସ୍କ୍ୱାଡ୍‌କୁ ସାମିଲ କରାଯାଇଛି। ଓଡ଼ିଶା ବିପର୍ଯ୍ୟୟ ତ୍ୱରିତ ପ୍ରଶମନ ଟିମ୍‌କୁ ମଧ୍ୟ ଏଥିରେ ନିୟୋଜିତ କରାଯାଇଛି ବୋଲି ବନବିଭାଗ କହିଛି। ସେହିଭଳି ଅନୁଗୁଳ ଜଙ୍ଗଲାଞ୍ଚଳର ବିଭିନ୍ନ ସ୍ଥାନରେ ମଧ୍ୟ ନିଆଁ ଲାଗିଛି ବୋଲି ବନବିଭାଗ ସୂଚନା ଦେଇଛି।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ କୋଲକାତାର ଇଡେନ୍ ଗାର୍ଡେନଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର୍ ମଧ୍ୟରେ ମୁକାବିଲା ଜାରି ରହିଛି । ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । କୋଲକାତା ନାଇଟ୍ ରାଇଡର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ହରାଇ ୨୨୨ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ୍ ଆୟାର୍ ୩୬ଟି ବଲ୍‌ରୁ ସର୍ବାଧିକ ୫୦ ରନ୍ ସଂଗ୍ରହ କରିଥିବାବେଳେ ଫିଲ୍ ସଲଟ୍ ମାତ୍ର ୧୪ଟି ବଲ୍‌ରୁ ୪୮ ରନ୍ କରିଥିଲେ । ସେହିଭଳି ରମନ୍‌ଦୀପ ସିଂହ ୯ଟି ବଲ୍‌ରୁ ୨୪ ରନ୍ ଓ ଆଣ୍ଡ୍ରେ ରସେଲ୍ ୨୭ ରନ୍ କରି ଅପରାଜିତ ଥିଲେ । ରୟାଲ୍ ଚ୍ୟାଲେଞ୍ଜର୍ସ ପକ୍ଷରୁ କ୍ୟାମେରନ୍ ଗ୍ରୀନ୍ ଓ ୟଶ୍ ଦୟାଲ୍ ଦୁଇଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିବାବେଳେ ଲୋକି ଫର୍ଗୁସନ୍ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି ।

୨୨୩ ରନ୍ ବିଜୟ ଲକ୍ଷ୍ୟର ପିଛା କରି ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ ୧୬ ଓଭର୍‌ରେ ୬ ୱିକେଟ୍ ହରାଇ ୧୮୧ ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ ୱିଲ୍ ଜ୍ୟାକ୍‌ସ ସର୍ବାଧିକ ୫୫ ରନ୍ ସଂଗ୍ରହ କରିଥିବା ରଜତ୍ ପଟିଦାର ମଧ୍ୟ ୫୨ ରନ୍ କରିଥିଲେ ।

କୋଲ୍‌କାତା ନାଇଟ୍ ରାଇଡର୍ସ ପକ୍ଷରୁ ସୁନିଲ୍ ନରିନେ ଓ ଆଣ୍ଡ୍ରେ ରସେଲ୍ ୨ଟି ଲେଖାଏଁ ଏବଂ ହର୍ଷିତ ରାଣା ଓ ବରୁଣ ଚର୍କବର୍ତ୍ତୀ ଗୋଟିଏ ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଛନ୍ତି ।

ଆଉ କିଛି ସମୟରେ ଚଣ୍ଡୀଗଡ଼ର ମହାରାଜା ଯାଦବେନ୍ଦ୍ର ସିଂହ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍ ପଞ୍ଜାବ କିଙ୍ଗସ୍ ଓ ଗୁଜରାଟ ଟାଇଟନ୍‌ସ ମଧ୍ୟରେ ମୁକାବିଲା ହେବ ।

*****